# Prime Minister Shri Narendra Modi and President of the Republic of Seychelles H.E. Wavel Ramkalawan jointly inaugurate a range of Development Assistance Projects at India-Seychelles High Level Virtual Event (April 8, 2021)

April 08, 2021

---

# ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ସେଚେଲ୍ସର ମାନ୍ୟବର ରାଷ୍ଟ୍ରପତି ୱେଭେଲ ରାମକଲାୱନ ମିଳିତ ଭାବେ ଭାରତ-ସେଚେଲ୍ସ ଉଚ୍ଚ ସ୍ତରୀୟ ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ବିକାଶ ସହାୟତା ପ୍ରକଳ୍ପର ଉଦଘାଟନ କରିଛନ୍ତି (8 ଏପ୍ରିଲ 2021)

ଏପ୍ରିଲ 08, 2021

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ସେଚେଲ୍ସର ମାନ୍ୟବର ରାଷ୍ଟ୍ରପତି ୱେଭେଲ ରାମକଲାୱନଙ୍କ ସହ ଏକ ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଚେଲ୍ସରେ ଭାରତ ଦ୍ୱାରା ଆର୍ଥିକ ଅନୁଦାନ ପ୍ରାପ୍ତ ଅନେକ ବିକାଶ ସହାୟତା ପ୍ରକଳ୍ପର ମିଳିତ ଇ-ଉଦ୍ଘାଟନ ଏବଂ ସେଚେଲ୍ସ କୋଷ୍ଟଗାର୍ଡର ବ୍ୟବହାର ପାଇଁ ଭାରତ ପ୍ରଦାନ କରିଥିବା ଏକ ଦ୍ରୁତଗାମୀ ପାଟ୍ରୋଲିଂ ଜାହାଜ ହସ୍ତାନ୍ତର ପାଇଁ ଏହି ଭର୍ଚୁଆଲ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ରାମକଲାୱାନ ମିଳିତ ଭାବେ ସେଚେଲ୍ସରେ ନୂତନ ମାଜିଷ୍ଟ୍ରେଟ୍ସ କୋର୍ଟ ଭବନକୁ ଉଦଘାଟନ କରିଥିଲେ। ଏହି ଭବନ ହେଉଛି ସେଚେଲ୍ସରେ ପ୍ରଥମ ଭାରତୀୟ ସହାୟତା ଭିତ୍ତିଭୂମି ପ୍ରକଳ୍ପ ଏବଂ ଭାରତ ସରକାରଙ୍କ ଠାରୁ 3.5 ମିଲିୟନ ଡଲାର ଅନୁଦାନରେ ଏହା ସମ୍ପୂର୍ଣ୍ଣ ହୋଇଛି। ସେଚେଲ୍ସର ରାଜଧାନୀ ଭିକ୍ଟୋରିଆର ହୃଦୟରେ ଅବସ୍ଥିତ, ଏକ ଆଧୁନିକ ଡିଜାଇନ ସହିତ ଉଚ୍ଚ ମାନଦଣ୍ଡରେ ନିର୍ମିତ ଏହି ମାଜିଷ୍ଟ୍ରେଟ୍ସ କୋର୍ଟ ସେଚେଲ୍ସର ନ୍ୟାୟ ବ୍ୟବସ୍ଥାର କ୍ଷମତାକୁ ଆହୁରି ବୃଦ୍ଧି କରିବ ଏବଂ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗର ଏକ ପ୍ରମୁଖ ସ୍ଥାନ ହେବ।

ଏହି ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏକ 48.9 ମିଟର ଦ୍ରୁତଗାମୀ ପାଟ୍ରୋଲିଂ ଜାହାଜ (ଏଫପିଭି) କୁ ସେଚେଲ୍ସର ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ। 100 କୋଟି ଟଙ୍କା ମୂଲ୍ୟରେ କୋଲକାତାର ମେସର୍ସ ଜିଆରଏସଇ ଦ୍ୱାରା ନିର୍ମିତ ଏହି ଜାହାଜକୁ ସେଚେଲ୍ସର ସାମୁଦ୍ରିକ ତଦାରଖ କ୍ଷମତାକୁ ତ୍ୱରାନ୍ୱିତ କରିବା ପାଇଁ ଭାରତୀୟ ଅନୁଦାନ ସହାୟତା ଜରିଆରେ ଉପହାର ଦିଆଯାଇଛି। ଏହି ଅତ୍ୟାଧୁନିକ ଜାହାଜ ସେଚେଲ୍ସର ବିସ୍ତୃତ ସାମୁଦ୍ରିକ ସମ୍ପତ୍ତିର ପ୍ରଭାବଶାଳୀ ଭାବରେ ପାଟ୍ରୋଲିଂ ତଥା ସୁରକ୍ଷା ପ୍ରଦାନ କରିବାରେ ସେଚେଲ୍ସ କୋଷ୍ଟଗାର୍ଡର ଦକ୍ଷତାକୁ ଯଥେଷ୍ଟ ବୃଦ୍ଧି କରିବ ଏବଂ ସାମୁଦ୍ରିକ ଡକାୟତି, ନିଶାଦ୍ରବ୍ୟ ଏବଂ ଅସ୍ତ୍ରଶସ୍ତ୍ର ଚୋରା

ଚାଲାଣ ଏବଂ ସେଚେଲ୍ସ ଜଳରେ ବେଆଇନ ମାଛ ଧରିବା ଭଳି ବିପଦର ମୁକାବିଲା କରିବାରେ ସାହାଯ୍ୟ କରିବ। ଜାହାଜ ପ୍ରଦାନ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଭାରତ ଏବଂ ସେଚେଲ୍ସ ମଧ୍ୟରେ ସମୟ ପରୀକ୍ଷିତ ଏବଂ ଗଭୀର ସହଯୋଗ ଏବଂ ସେଚେଲ୍ସର ଜଣେ ବିଶ୍ୱସ୍ତ ତଥା ପସନ୍ଦିତ ସୁରକ୍ଷା ସହଭାଗୀ ଭାବରେ ଭାରତର ଭୂମିକାକୁ ଦର୍ଶାଉଛି।

ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଏବଂ ସେଚେଲ୍ସର ରାଷ୍ଟ୍ରପତି ମଧ୍ୟ ମିଳିତ ଭାବେ ସେଚେଲ୍ସର ରୋମେନଭିଲ୍ଲେ ଦ୍ୱୀପରେ ଭାରତୀୟ ଅନୁଦାନ ସହାୟତାରେ ନିର୍ମିତ 1 ମେଗାୱାଟ ସୌରଶକ୍ତି ପ୍ଲାଣ୍ଟର ଇ-ଉଦ୍ଘାଟନ କରିଥିଲେ। ସେଚେଲ୍ସରେ ନିର୍ମିତ ଦଶଟି ଭାରତୀୟ ଉଚ୍ଚ ପ୍ରଭାବସମ୍ପନ୍ନ ଗୋଷ୍ଠୀ ବିକାଶ ପ୍ରକଳ୍ପ (ଏଚଆଇସିଡିପି) ମଧ୍ୟ ଦୁଇ ନେତାଙ୍କ ଦ୍ୱାରା ଇ-ଉଦ୍ଘାଟନ କରାଯାଇଥିଲା।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ସେଚେଲ୍ସ ସହ ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ଲୋକାଭିମୁଖୀ ପ୍ରକଳ୍ପଗୁଡିକରେ ବିକାଶ ସହଭାଗୀତାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେଯେ ଆଧୁନିକ ଡିଜାଇନ ଏବଂ ଅତ୍ୟାଧୁନିକ ସୁବିଧା ସହିତ ନିର୍ମିତ ନୂତନ ମାଜିଷ୍ଟ୍ରେଟ୍ସ କୋର୍ଟ ସେଚେଲ୍ସର ଲୋକଙ୍କୁ ନ୍ୟାୟିକ ସେବା ପ୍ରଦାନ ପାଇଁ ଉପଯୁକ୍ତ ଆସନ ଭାବରେ କାର୍ଯ୍ୟ କରିବ। ପ୍ରଧାନମନ୍ତ୍ରୀ କହିଥିଲେଯେ ସେଚେଲ୍ସକୁ ଦ୍ରୁତଗାମୀ ପାଟ୍ରୋଲିଂ ଜାହାଜ ଉପହାର ଏହାର ସାମୁଦ୍ରିକ ସୁରକ୍ଷା ତଥା ତଦାରଖ କରିବାରେ ସେଚେଲ୍ସର ନିଜର କ୍ଷମତାକୁ ସୁଦୃଢ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି।

ଦୁଇ ଦେଶ ମଧ୍ୟରେ ଦୃଢ ତଥା ଘନିଷ୍ଠ ସମ୍ପର୍କର ପ୍ରତିଫଳନ ଭାବରେ ସେଚେଲ୍ସର ସୁରକ୍ଷା ତଥା ବିକାଶମୂଳକ ଆବଶ୍ୟକତାକୁ ପୂରଣ କରିବାରେ ଭାରତ ନିରନ୍ତର ସମର୍ଥନ କରିଥିବାରୁ ରାଷ୍ଟ୍ରପତି ୱେଭେଲ ରାମକଲାୱନ ଗଭୀର କୃତଜ୍ଞତା ଜଣାଇଛନ୍ତି।

ନୂତନ ମାଜିଷ୍ଟ୍ରେଟ୍ସ କୋର୍ଟ ଭବନ, 1 ମେଗାୱାଟ ସୌରଶକ୍ତି ପ୍ଲାଣ୍ଟ ଏବଂ ଉଚ୍ଚ ପ୍ରଭାବସମ୍ପନ୍ନ ଗୋଷ୍ଠୀ ବିକାଶ ପ୍ରକଳ୍ପର ଇ-ଉଦ୍ଘାଟନ ଏବଂ ଦ୍ରୁତଗାମୀ ପାଟ୍ରୋଲିଂ ଜାହାଜ ହସ୍ତାନ୍ତର ସେଚେଲ୍ସର ଦୀର୍ଘସ୍ଥାୟୀ ତଥା ନିର୍ଭରଯୋଗ୍ୟ ଅଂଶୀଦାର ଭାବରେ ଭାରତର ଦୃଢ ଭୂମିକା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଗଭୀର କରିବା ଦିଗରେ ପ୍ରତିବଦ୍ଧତାକୁ ଦର୍ଶାଉଛି।

ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିବା ସହଯୋଗ ପ୍ରକଳ୍ପଗୁଡିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନା 'ସାଗର – ଏହି ଅଞ୍ଚଳର ସମସ୍ତଙ୍କ ସୁରକ୍ଷା ଏବଂ ଅଭିବୃଦ୍ଧି' ଅନୁଯାୟୀ ଅଟେ।

**ନୂଆଦିଲ୍ଲୀ**

**ଏପ୍ରିଲ 08, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.